# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଅନୁଗୋଳ,୪।୪(ସମିସ): ସ୍ଥାନୀୟ ପିଏମଶ୍ରୀ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ନିରୁପମା ପାଣି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ମଧୁସ୍ମିତା ନନ୍ଦ, ଲୋପମୁଦ୍ରା ପଟ୍ଟନାୟକ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଭୁ ଶ୍ରୀଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପାଣି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବେହେରା ଅଭିଭାବକଙ୍କୁ ସେମାନଙ୍କ ଶିଶୁଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଅନୁରୋଧ କରିଥିଲେ। ମୁଖ୍ୟଅତିଥି ସାଂସଦ ପାଣି ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରେ ଅତିଥିମାନେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗୋଲାପ ଫୁଲ, ଚକୋଲେଟ, ପାଠ୍ୟୋପକରଣ ସହ ସ୍କୁଲ ବ୍ୟାଗ ପ୍ରଦାନ କରି ଖଡ଼ି ଛୁଆଁଇଥିଲେ। ଅତିଥିଙ୍କ ଦ୍ୱାରା ପିଲାଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ମୌଳିକ ସଂଖ୍ୟାଜ୍ଞାନ ଷ୍ଟଲ, ମୌଳିକ ସାକ୍ଷରତା ଷ୍ଟଲ ଓ ସୃଜନାତ୍ମକ ଷ୍ଟଲଗୁଡ଼ିକୁ ବୁଲି ଦେଖିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିବା ସହ ଆଜିଠାରୁ ୪ବର୍ଷ ୭ମାସରୁ ୫ ବର୍ଷ ୭ମାସ ହୋଇଥିବା ପିଲାଙ୍କୁ ଶିଶୁବାଟିକାରେ ନାମ ଲେଖାଇବା ଓ ୫ ବର୍ଷ ୭ ମାସରୁ ଅଧିକ ବୟସ୍କ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା କାର୍ଯ୍ୟ ଶୁଭାରମ୍ଭ କରାଗଲା। ଶେଷରେ ଅନୁଗୋଳ ବିଇଓ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଆ ନାମଫଳକ ଅଭିଯାନ ଉପଲକ୍ଷେ ସଚେତନତା



ଅନୁଗୋଳ,୪।୪(ସମିସ): ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମ ଫଳକ ଓଡ଼ିଆରେ ଲେଖିବା ପାଇଁ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜେଲ୍ ରୋଡ, ସେଣ୍ଟ୍ରାଲ ଲଜ୍, ବଜାରଛକ, ସୂଚନାକେନ୍ଦ୍ର ଛକ, ଥାନା ଛକଦେଇ ଅନୁଗୋଳ ପୌର ପାଳିକା କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସଚେତନତା ପାଇଁ ଦୋକାନ ମାଲିକମାନଙ୍କୁ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ଅନୁଗୋଳ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ସମେତ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଶ୍ରମିକ ସଂଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ସେନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଅନୁଗୋଳ,୪।୪(ସମିସ): ଅନୁଗୋଳର ସେନା ଅଧିକାରୀ ଅନରାରି କ୍ୟାପଟେନ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳଙ୍କୁ ଅନୁଗୋଳ ଡିଫେନ୍ସ ଭେଟେରାନ୍ (ଏଡିଭି) ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିନେଇ ସଂଘ ପକ୍ଷରୁ ଅନୁଗୋଳ ରେଳ ଷ୍ଟେସନ୍‌ରୁ ତାଙ୍କ ଗାଁ ଖିଣ୍ଡା ଯାଏଁ ଏକ ଶୋଭାଯାତ୍ରାରେ ନିଆଯାଇଥିଲା। ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱାଳ ୧୯୯୫ରେ ସେନା ବାହିନୀରେ ଯୋଗଦେଇଥିଲେ। ସେ ୨୮୫ ବୋଫୋର୍ସ ରେଜିମେଣ୍ଟରେ ଯୋଗଦେଇ କିଛିଦିନ ପରେ ସେହି ରେଜିମେଣ୍ଟର ମାଷ୍ଟର ଟ୍ରେନର ଭାବେ କାମ କରିଥିଲେ। ୧୯୯୯ କାର୍ଗିଲ ଲଢ଼େଇରେ ସାମିଲ ହୋଇ ୩ ବର୍ଷ କାମ କରିଥିଲେ। ପୁଞ୍ଚ ରଜୌରି ଭଳି ସମ୍ବେଦନଶୀଳ ଅଞ୍ଚଳରେ ଆତଙ୍କବାଦୀ ସହ ମୁକାବିଲା କରିଥିଲେ। ଅପରେସନ ସିନ୍ଦୂରରେ ପାକିସ୍ଥାନ ଏବଂ ଅପରେସନ ସ୍ନୋ ଲିଓପାର୍ଡରେ ଚାଇନା ସୈନ୍ୟଙ୍କ ସହ ମୁକାବିଲା କରିଥିଲେ। ସୁବେଦାର ମେଜର ଭାବେ ସେ ବାଲେଶ୍ୱର ଡିଆର୍‌ଡିଓରେ ମଧ୍ୟ କାର୍ଯ୍ୟ କରିଥିଲେ। ନିଷ୍ଠା, ତ୍ୟାଗ ଓ ଅତୁଳନୀୟ ସାହସ ପ୍ରଦର୍ଶନ କରିଥିବାରୁ ଜଳନ୍ଧର ୨୧୩ ରକେଟ୍ ରେଜିମେଣ୍ଟରେ ଥାଇ ଅବସର ନେଇଥିଲେ। ଚାକିରି ଜୀବନରେ ଉତ୍କର୍ଷତା ପାଇଁ ତାଙ୍କୁ ସେନା ପକ୍ଷରୁ ଅନରାରି କ୍ୟାପଟେନ ଉପାଧି ପ୍ରଦାନ କରାଯାଇଛି। ଏଡିଭି ସଭାପତି ଅନିଲ କୁମାର ମହାନ୍ତି ବିଶ୍ୱାଳଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଜିଲ୍ଲାର ଗର୍ବ ବୋଲି ଅଭିହିତ କରିଛନ୍ତି।

## ମା' ତାରିଣୀଙ୍କ ୩୪ତମ ଚୈତ୍ର ପର୍ବ ଅନୁଷ୍ଠିତ



କଣିହାଁ,୪।୪(ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ହାଇସ୍କୁଲ ଛକସ୍ଥିତ ମା' ତାରିଣୀ ମନ୍ଦିରର ୩୪ତମ ଚୈତ୍ର ପର୍ବ ଅନୁଷ୍ଠିତ ହୋଇଛି। ମହିଳାମାନେ ସକାଳେ କଳସ ଯାତ୍ରା କରି ବ୍ରାହ୍ମଣୀ ନଦୀରୁ ଜଳ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ପରେ ମା'ଙ୍କ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏଥିସହ କଟକର ଭଜନ ସନ୍ଧ୍ୟା ଅନୁଷ୍ଠାନ ଦ୍ୱାରା ପ୍ରତିଷ୍ଠିତ ଗାୟକ ଗାୟିକାଙ୍କୁ ନେଇ ସୁମଧୁର ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତୋଷମଣି ସାହୁ, ସମ୍ପାଦକ ସୁବାସ ପ୍ରଧାନ, କୋଷାଧ୍ୟକ୍ଷ ଶରତ ଦାସଙ୍କ ସମେତ ନେଙ୍କୁରୀ ସାମଲ, ପିଙ୍କା ମହାନ୍ତି, ଯୋଗେଶ୍ୱର ସାମଲ, ରାଜକିଶୋର ବେହେରା, ପ୍ରକାଶ ସାହୁ ଓ ସମସ୍ତ ବ୍ୟବସାୟୀ, ସ୍ଥାନୀୟ ଲୋକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୪୯ ନଂ ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

## ଟ୍ରେଲର ଧକ୍କାରେ ସାଇକଲ ଆରୋହୀ ମୃତ

ତାଳଚେର,୪।୪(ସମିସ): ଶୁକ୍ରବାର ରାତି ୯ଟାରେ ୧୪୯ ନଂ ଜାତୀୟ ରାଜପଥର ତାଳଚେର ବାଇପାସ୍‌ରୁ ଥର୍ମାଲ ରାସ୍ତାର ପବିତ୍ରମୋହନ ଛକ ନିକଟ ପେଟ୍ରୋଲପମ୍ପ ସାମ୍ନାରେ ଟ୍ରେଲର ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ତାଳଚେର ବ୍ଲକ ଦାସନାଳୀ ଗ୍ରାମର ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଉତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା ଶବ ବ୍ୟବଚ୍ଛେଦ ହୋଇପାରି ନ ଥିବା ଜଣାପଡ଼ିଛି।

୧୪୯ ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଦୁର୍ଘଟଣାରେ ବହୁ ମୁଣ୍ଡ ଗଡୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଲା, ସେଠାରେ ରାସ୍ତାର ଉଭୟ ପାଶ୍ୱର୍ରେ ଷ୍ଟ୍ରିଟ୍ ଲାଇଟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବା ବେଳେ ଧୂଳିଧୂଆଁ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ପାଲଲହଡ଼ା ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥାର ମନମାନି

## ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

**ଆନ୍ଦୋଳନ ଚେତାବନୀ**

ପାଲଲହଡ଼ା,୪।୪(ସମିସ): ୨୦୨୩ରେ ପାଲଲହଡ଼ା ବ୍ଲକ ନଗିରା ପଞ୍ଚାୟତ ସିବିଡ଼ାଠାରୁ ବରଡିହ ପଞ୍ଚାୟତର ଖଡ଼କା ଓ କୁମ୍ଭାର ମାଟି ପର୍ଯ୍ୟନ୍ତ ଦୀର୍ଘ ୩୬ କିଲୋମିଟର ରାସ୍ତା କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିଲା। ୪୨ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଆରମ୍ଭ ହୋଇଥିଲା। ରାସ୍ତାର ପ୍ଲାନ ଏଷ୍ଟିମେଟ୍‌ରେ ବରୁଣଡିହ ଓ ସଲେଇ ଗାଁ ଦେଇ ରାସ୍ତା ନିର୍ମାଣ ହେବବୋଲି କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଏବେ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ବରୁଣଡିହ ଓ ସଲେଇ ଗାଁକୁ ବାଦ ଦିଆଯାଇଛି। ଠିକାସଂସ୍ଥା ରାସ୍ତାକାମ କରିବାକୁ ମନା କରୁଛି। ବିଭାଗ ପକ୍ଷରୁ ତାଙ୍କୁ ମନା କରାଯାଇଥିବା ଠିକାସଂସ୍ଥା କର୍ତ୍ତୃପକ୍ଷ କହିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଏହି ଦୁଇ ଗାଁକୁ ବାଦ ଦିଆଯାଇଥିବା ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ଏ ନେଇ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବରଡିହ ସରପଞ୍ଚ କପି ଦେହୁରୀଙ୍କ ନେତୃତ୍ୱରେ ଦୁଇ ଗ୍ରାମର ଅଧିବାସୀ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଦୁଇ ଗାଁକୁ ସାମିଲ କରା ନ ଗଲେ ଉଭୟ ଗ୍ରାମବାସୀ ଛୁଆପିଲା ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ପାଲଲହଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ତେବେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

## ବଁଅରପାଳ ସାମ୍ବାଦିକ ସଂଘର ସଧାରଣ ସଭା



ବଁଅରପାଳ,୪।୪(ସମିସ): ବଁଅରପାଳ ବ୍ଲକ ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ସଧାରଣ ସଭା ଶନିବାର ଅନୁଷ୍ଠିତ ହୋଛି। ଆନୁଷ୍ଠାନିକ ଭାବେ ସଙ୍ଘ ପଞ୍ଜିକୃତ ହୋଇଥିବାରୁ ସାମ୍ବାଦିକଙ୍କ ମଧ୍ୟରେ ଖୁସିର ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୧ଟାରେ ମହିଧରପୁର ମାଧିଆମୁଣ୍ଡାସ୍ଥିତ ଦୁଗ୍ଧ ଫ୍ୟାକ୍ଟ୍ରି ସମ୍ମିଳନୀ କକ୍ଷରେ ସଭାପତି ଅଖିଳ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ସଂଘ ସଦସ୍ୟ ଓ ସାମ୍ବାଦିକମାନଙ୍କ ପାଇଁ ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଭେଟି ସହଯୋଗ ଲୋଡ଼ିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ସଙ୍ଘ ସାଧାରଣ ସମ୍ପାଦକ ସୁଶୀଲ କୁମାର ଆଇଚ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ବିଶୋଇ, ଉପ ସଭାପତି ରୁଦ୍ରମୋହନ ସାହୁ, ସହସମ୍ପାଦକ ସୁଶାନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାମଲ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଅଶୋକ କୁମାର ଜେନା, ତାପସ କୁମାର ଜେନା, ରାଜେଶ ପାତ୍ର, କ୍ଷୀରୋଦ କୁମାର ବେହେରା, ଅଜିତ୍ କୁମାର ଭୋଇ, ବିଭାସ କୁମାର ସାମଲଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ମହିଳା ହାବିଲଦାରଙ୍କୁ ଦୁର୍ବ୍ୟବହାର ଘଟଣା

## ନ୍ୟାୟ ପ୍ରଦାନ ପାଇଁ ହାବିଲଦାର-କନଷ୍ଟେବଲ ସଙ୍ଘର ଦାବି

ଅନୁଗୋଳ,୪।୪(ସମିସ): ଅନୁଗୋଳ ରିଜର୍ଭ ପୁଲିସରେ କାର୍ଯ୍ୟରତ ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କୁ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାର ଏବଂ ଫୋର୍ସ ରାଇଟର ଶୁଭକାନ୍ତ ସାହୁ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନା ଦେଉଥିବା ପ୍ରତିବାଦରେ ସେ ଚାକିରିରୁ ଇସ୍ତଫା ଦେବାପାଇଁ ଏସପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣା ବର୍ତ୍ତମାନ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ସୁମିତ୍ରାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ହାବିଲଦାର-କନଷ୍ଟେବଲ ସଙ୍ଘ ଅନୁଗୋଳ ଶାଖା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଅନୁଗୋଳ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ରିଜର୍ଭ ଇନ୍ସପେକ୍ଟର ଗୋବିନ୍ଦ ମାହାର ଏବଂ ଫୋର୍ସ ରାଇଟର ହାବିଲଦାର ଶୁଭକାନ୍ତ ସାହୁଙ୍କ ଦ୍ୱାରା ମାନସିକ, ଶାରୀରିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇ ଜିଲ୍ଲାର ଅନେକ ହାବିଲଦାର ଓ କନଷ୍ଟେବଲ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ନିର୍ଯାତନା ଅସହ୍ୟ ହେଲେ ବି ପୁଲିସ ବର୍ଦ୍ଦିର ସମ୍ମାନକୁ ଦୃଷ୍ଟିରେ ରଖି କେହି ମୁହଁ ଖୋଲୁନାହାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କ ଉପରେ ହୋଇଥିବା ନିର୍ଯାତନା ସହିବାର ସୀମା ଅତିକ୍ରମ କରିଥିବାରୁ ସେ ବାଧ ହୋଇ ଚାକିରିରୁ ଅବସର ନେବା ପାଇଁ ଘୋଷଣା କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ



ପାଲଲହଡ଼ା,୪।୪(ସମିସ): ଜଙ୍ଗଲ ଜମିରେ ଚାଲିଥିବା ବେଆଇନ ଇଟାଭାଟିକୁ ଶନିବାର ପାଲଲହଡ଼ା ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ଆଲୋରୀ ପଞ୍ଚାୟତର ବେଣୁଧର ପୂର୍ତ୍ତିଙ୍କ ବେଆଇନ ଇଟାଭାଟିକୁ ଜେସିବି ମେସିନ୍ ସାହାଯ୍ୟରେ ନଷ୍ଟ କରାଯାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, କୁଞ୍ଜାମ ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ସାହୁ ଏବଂ ସହକାରୀ ଅମିନ ସୁଜିତ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ଖମାର ଥାନା ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ସମସ୍ତ ଇଟାଭାଟି ଉଚ୍ଛେଦ କରାଯିବ ବୋଲି ତହସିଲଦାର ମହାପାତ୍ର ସୂଚନା ଦେଇଛନ୍ତି। ଜନସାଧାରଣ ବେଆଇନ ଇଟାଭାଟିଠାରୁ ଦୂରେଇ ରହିବାକୁ ସତର୍କ କରାଯାଇଛି। ବେଆଇନ ଇଟାଭାଟି ସମ୍ପର୍କିତ କୌଣସି ବି ସୂଚନା ଥିଲେ ତହସିଲ କାର୍ଯ୍ୟାଳୟରେ ଜଣାଇବାକୁ ଅନୁରୋଧ କରାଯାଇଛି। ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ଏବଂ ବେଆଇନ ଇଟାଭାଟି ନିର୍ମାଣ ଉପରେ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅଭିଯାନ ଜାରି ରହିବ ଏବଂ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ତହସିଲଦାର କହିଛନ୍ତି।

## ପୁଲିସ ପକ୍ଷରୁ ଜଳଛତ୍ର ଉଦଘାଟିତ



ଅନୁଗୋଳ,୪।୪(ସମିସ): ଗ୍ରୀଷ୍ମଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଉଦଘାଟନ କରାଯାଇଛି। ଅନୁଗୋଳ ଏସପି ରାହୁଲ ଜୈନ ଏହାକୁ ଉଦଘାଟନ କରିବା ସହ ଲୋକଙ୍କୁ ଥଣ୍ଡା ପାଣି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଆରଟିଓ ସମ୍ବିତ କୁମାର, ଅବକାରୀ ଅଧିକ୍ଷକ, ଜିଏସଟି ଡେପୁଟି କମିଶନର, ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଏସଡିପିଓ ରମାକାନ୍ତ ମହାଳିକ, ଆଇଆଇସି ପ୍ରକାଶ ମାଝୀ ପ୍ରମୁଖଙ୍କ ସମେତ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ

ତାଳଚେର,୪।୪(ସମିସ): ଜିଲ୍ଲାଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲେଖିବାକୁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଶୁଭାରମ୍ଭ ହୋଇଛି। ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ତାଳଚେର ଶ୍ରମ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ପୌରପାଳିକା, ଅନୁଗୋଳ ସୂଚନା ଲୋକସମ୍ପର୍କ ଅଧିକାରୀଙ୍କ ପ୍ରତିନିଧି, ଅନୁଗୋଳ ବାଣିଜ୍ୟ ଓ ଶିଳ୍ପପ୍ରତିଷ୍ଠାନ ପ୍ରତିନିଧି, ଶ୍ରମିକ ସଂଗଠନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ପଦଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ହାଟତୋଟା, ଆଇଟିଆଇ ଛକ, ଶର୍ମାଛକ, ରୋଡ୍ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଯେଉଁ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ସହକାରୀ ଶ୍ରମ ଅଧିକାରୀ ଗୋଲାପ ଫୁଲ ପ୍ରଦାନ କରିଥିଲେ।




## ଷୋଳପଦା ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ



କିଶୋରନଗର,୪।୪(ସମିସ): ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଷୋଳପଦା ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ ଠାକୁରଗଡ଼ ରାମ ମନ୍ଦିର ପରିସରରେ ଜମ୍ବେଶ୍ୱର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବ୍ରାହ୍ମଣ ସମାଜର ନୈତିକ ମୂଲ୍ୟବୋଧ ଓ ସଂଗଠନ ଶକ୍ତିକୁ ଶକ୍ତିଶାଳୀ କରିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ଆଧୁନିକ ସମାଜରେ ବ୍ରାହ୍ମଣମାନଙ୍କୁ ଏକତ୍ରିତ କରିବା ସହିତ ପଥଭ୍ରଷ୍ଟ ହୋଇଥିବା ବ୍ରାହ୍ମଣମାନଙ୍କୁ ପୁନଃ ସଠିକ୍ ପଥରେ ଆଣିବା ପାଇଁ ସମୂହିକ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ତଥାପି ବ୍ରାହ୍ମଣ ଯୁବକମାନଙ୍କୁ ଏକତ୍ରିତ କରି 'ଯୁବବାହିନୀ' ମାଧ୍ୟମରେ ଆଞ୍ଚଳିକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପର୍ଶୁରାମ ବାହିନୀକୁ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅନୁଗୋଳ ବ୍ରାହ୍ମଣ ମହାସଂଘ ସଭାପତି ବ୍ୟୋମକେଶ ଶତପଥୀ, କାର୍ଯ୍ୟକାରୀ ସଭାପତି ବିଭୂତିଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଆର୍ତ୍ତରଞ୍ଜନ ଦାସ ଓ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ଠାକୁରଗଡ଼ର କୁମୁଦ ଚନ୍ଦ୍ର ମିଶ୍ର, ସୌରଭ ମିଶ୍ର, କେଶବ ଚନ୍ଦ୍ର ଶତପଥୀ, ବିଜୟ କୁମାର ମିଶ୍ର, ଭୋଳେଶ୍ୱର ମିଶ୍ର, ଦିଲୀପ କୁମାର ନନ୍ଦ, ବିଶ୍ୱଜିତ ମିଶ୍ର, ଲୋକନାଥ ତ୍ରିପାଠୀ, ପ୍ରଶାନ୍ତ କୁମାର ଶତପଥୀ ଓ ଆଠମଲ୍ଲିକର ଭବାନୀ ଶଙ୍କର ମିଶ୍ର, ବଲାଙ୍ଗିରର ସୁଦୀପ କୁମାର ଦାସ ଓ ଗଗନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବଳରାମ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଓ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ବ୍ରାହ୍ମଣ ଉପସ୍ଥିତ ରହି ସମାଜକୁ ସଂଗଠିତ କରିବାକୁ ଶପଥ ନେଇଥିଲେ। ଗୋକୁଳାନନ୍ଦ ଶତପଥୀ ସଭା ସଞ୍ଚାଳନ କରିଥିଲେ।

# ମେଡିକାଲ୍ କଲେଜରେ ରୋଗୀସେବା ଦାବି

### କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ



ତାଳଚେର,୪।୪(ସମିସ): ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଶନିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବରିଷ୍ଠ ଉପଦେଷ୍ଟା ଚୈତନ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତାଳଚେର ଉପଖଣ୍ଡର ସଂଗ୍ରାମୀ ବନ୍ଧୁମାନେ ଯୋଗଦେଇ ତାଳଚେର ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ। ପରିଚାଳନା ବାବଦ ସମସ୍ତ ଅର୍ଥ ସରକାର ନେବା ପରେ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ କାହିଁକି ମେଡିକାଲ୍ କଲେଜ୍‌ରେ ରୋଗୀସେବା ହେଉନାହିଁ ବୋଲି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଅବିଳମ୍ବେ ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ବାହ୍ୟ ଓ ଆନ୍ତଃ ରୋଗୀସେବା ଆରମ୍ଭ ନ କଲେ ବଡ଼ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ପ୍ରଥମେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହେବ। ପଥପ୍ରାନ୍ତ ସଭା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ସରକାର ଅବହେଳା କଲେ ତାଳଚେରର ସଂଗ୍ରାମୀ ଜନସାଧାରଣ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି କମିଟି ସଭାପତି ଅଭୟ ପାଣି, କାର୍ଯ୍ୟକାରୀ ସଭାପତି ଭୂପେନ ଅମ୍ବ, ସମ୍ପାଦକ ବିଜୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଚିନ୍ତାମଣି ମହାପାତ୍ର, କେଶବ ଭୂତିଆ, ଶୋଭାଗିନୀ ଦେବୀ, ହରିହର ଦାସ, ବିଜୟ କୁମାର ମିଶ୍ର, ସୁକାନ୍ତ ଦାସ, ବଳରାମ କୁଣ୍ଡ, ରାଜକିଶୋର ସାହୁ, ଡିଲେଶ୍ୱର ବେହେରା, ପ୍ରଫୁଲ୍ଲ ନାଏକ, ପ୍ରେମାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଜିନେଶ ସାହୁ, ସୁଲେଖ ସେଠୀ, ମନୋଜ କୁମାର ମହାପାତ୍ର, ହରେକୃଷ୍ଣ ମହାପାତ୍ର, ବିନୋଦ ଲାଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସରକାରୀ ଚାକିରି ଦେବାକୁ କହି ଠକେଇ ଅଭିଯୋଗ

# ୫ ଗିରଫ; ୨୬ ଯୁବକ ଉଦ୍ଧାର

ଜଗତସିଂହପୁର, ୪।୪(ସମିସ)

ଜଗତସିଂହପୁର ସଦର ଥାନା ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କାର୍ଯ୍ୟାଳୟରେ ଚାକିରି କରାଇ ଦେବ କହି ନିରୀହ ଯୁବକ ଯୁବତୀ ମାନଙ୍କୁ ଏକପ୍ରକାର ନଜର ବନ୍ଦୀ କରି ରଖିଥିବା ଏକ ଠକ ଗ୍ୟାଙ୍ଗର ମୁଖ୍ୟ ସମେତ ୫ ଜଣଙ୍କୁ ପୁଲିସ ଗିରଫ କରିଛି। ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଏହି ଗ୍ୟାଙ୍ଗ ଦେଶର ବିଭିନ୍ନ ରାଜ୍ୟରୁ ଶିକ୍ଷିତ ଏବଂ ଅର୍ଦ୍ଧଶିକ୍ଷିତ ଯୁବକ ଯୁବତୀମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ତଥା ପାରାଦୀପ କୃଷି ବିଜ୍ଞାନ କେନ୍ଦ୍ରରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ଜଗତସିଂହପୁର ଆଣୁଥିଲେ। ଜଗତସିଂହପୁର ଆସିବା ପରେ ପ୍ରତ୍ୟକଙ୍କ ଠାରୁ ୨୦ ହଜାର ଟଙ୍କା ନେଉଥିଲେ। ତେବେ ଚାକିରି ଦେବା ବଦଳରେ ସେମାନଙ୍କୁ ବେନାମୀ କମ୍ପାନୀର ଜିନିଷ ବିକ୍ରି କରିବା ସମ୍ପର୍କୀତ ୭ ଦିନିଆ ତାଲିମ ଦିଆଯାଉଥିଲା।



ପରେ ୧୨ ହଜାର ଟଙ୍କାର ବିଭିନ୍ନ ଜିନିଷ ଦେଇ ବଜାରରେ ବିକ୍ରି ପାଇଁ ବାଧ କରୁଥିଲେ। ଏହିଭଳି ମିଥ୍ୟା ପ୍ରଲୋଭନର ଶିକାର ହୋଇ ପଶ୍ଚିମବଙ୍ଗର ଜଣେ ବି.ଟେକ୍ ଡିଗ୍ରୀ ଧାରୀ ଜଗତସିଂହପୁରରେ ପହଞ୍ଚିଥିଲେ। ତାଙ୍କୁ ମାର୍କେଟିଂ ପାଇଁ ବାଧ କରାଗଲା ବେଳେ ସେ ପ୍ରତିବାଦ କରିଥିଲେ। ଫଳରେ ଉକ୍ତ ଯୁବକଙ୍କୁ ନଜର ବନ୍ଦୀ କରି ରଖାଯାଇଥିଲା। ତେବେ କୌଶଳ କ୍ରମେ ଯୁବକ ଜଣକ ତାଙ୍କ ଭାଇଙ୍କୁ ସମସ୍ତ ବିଷୟ ଜଣାଇବାରେ ସଫଳ ହୋଇଥିଲେ। ଯୁବକଙ୍କ ଭାଇ ଜଗତସିଂହପୁର ଏସପିଙ୍କୁ ଅବଗତ କରାଇବା ପରେ ଏଏସପି ସତ୍ୟବ୍ରତ ଦାଶଙ୍କ ନେତୃତ୍ୱରେ ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ଓ ଅତିରିକ୍ତ ଆଇଆଇସି ମହମ୍ମଦ ସୁରଜଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ଗାଲୁପଡ଼ାର ଉକ୍ତ ଘର ଉପରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ ମଦନ ଘନେଇଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅନ୍ୟ ଅଭିଯୁକ୍ତ ମାନେ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜୀଲ୍ଲାର ଶିବ ଶଙ୍କର ବେରା, ଶଶାଙ୍କର କରଣ, ରାଜକାନ୍ତ ମାଇତି ଏବଂ ଓଡ଼ିଶା ସୋନପୁର ଜୀଲ୍ଲାର ପୁରନ୍ଦର ବାଗ। ଏଥି ସହିତ ଉକ୍ତ କୋଠାରେ ରହୁଥିବା ୨୬ ଜଣ ବିଭିନ୍ନ ରାଜ୍ୟର ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏମାନଙ୍କ ଠାରୁ ମୋବାଇଲ ଫୋନ, ବେନାମୀ କାଗଜପତ୍ର ଏବଂ ବେନାମୀ କମ୍ପାନୀର ଜିନିଷ ସବୁ ପୋଲିସ ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ମଦନ ଘନେଇ ନାମରେ ଜଗତସିଂହପୁର ଥାନାରେ ପୂର୍ବରୁ ମଧ ସମାନ ଅଭିଯୋଗରେ ଦୁଇଟି ମାମଲା ରହିଥିବା ବେଳେ ଏହି ଠକ ରାକେଟର ମୂଳ ପର୍ଯ୍ୟନ୍ତ ପୁଲିସ ପହଞ୍ଚିବାକୁ ପ୍ରୟାସ ଜାରି ରହିଛି ବୋଲି ଏସପି ସୂଚନା ଦେଇଛନ୍ତି।

## ଓଡ଼ିଆରେ ନାମଫଳକ ନ ଲେଖିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ




ଜଗତସିଂହପୁର, ୪।୪(ସମିସ): ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ ଅନୁଯାୟୀ ସମସ୍ତ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ବାଧ୍ୟତାମୂଳକ। ଯେଉଁମାନେ ଏହି ନିୟମର ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ଏଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ ହୋଇ ନିର୍ଭୁଲ ଏବଂ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ନାମଫଳକ ଲେଖି ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ନିଜ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ଆ ଭାଷାରେ ସ୍ପଷ୍ଟ ଭାବେ ଲେଖନ୍ତୁ। ଏହି କ୍ରମରେ ଆଜି ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ଜଗତସିଂହପୁର ତରଫରୁ ଓଡିଆ ପକ୍ଷ ପାଳନ ଅବସରରେ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଏଥିସହିତ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ, ଶିବ ନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ), ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଅର୍ଚିତା ସାହୁ, ଶାନ୍ତନୁ କୁମାର ବ୍ରହ୍ମା, ମହାଶ୍ୱେତା ସ୍ୱାଇଁ, ଦେବାଶିଷ ମିଶ୍ର ଓ ଅନ୍ୟ ସମସ୍ତ କର୍ମଚାରୀଗଣ ଏହି ସଚେତନତା ପଦଯାତ୍ରାରେ ଅଂଶ ଗ୍ରହଣ କରି ଜଗତସିଂହପୁର ସହର ପରିକ୍ରମା କରିଥିଲେ।

## ରୋହିଆରେ ଖଡି ଛୁଆଁ କାର୍ଯ୍ୟକ୍ରମ

ନାଉଗାଁ, ୪।୪(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାଉଗାଁ ବ୍ଲକସ୍ତରୀୟ ବିଦ୍ୟା ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାର ଦିଲ୍ଲିପ କୁମାର ବଡ଼ପଣ୍ଡା, ସମ୍ମାନିତ ଅତିଥି ଭାବରେ ଆଲୁମୁନି ସଭାପତି ଅର୍ଜ୍ଜୁନ କୁମାର ରାଉତ, ପୂର୍ବତନ ଶିକ୍ଷକ ରାଜ କିଶୋର ମହାନ୍ତି, ରୋହିଆ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ପଦ୍ମ ଚରଣ



ରାଉତ, ସସିତି ସଭ୍ୟାଙ୍କ ପ୍ରତିନିଧି, ଶିକ୍ଷାବିତ, ଅଭିଭାବ ମାନଙ୍କ ଉପସ୍ଥିତିରେ ପ୍ରଥମେ ଶିକ୍ଷା ସଚେତନତା ରଥର ଶୁଭ ଉଦଘାଟନ କରାଯାଇଥିଲା। ପ୍ରଥମେ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁ କରିବା ସହିତ ସେମାନଙ୍କୁ ନୂତନ ବ୍ୟାଗ ବସ୍ତାନି ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ, ଚୈତନ୍ୟ ମଲିକ, ପିତାମ୍ବର ପରିଡ଼ା, ଗଙ୍ଗାଧର ବିଶ୍ୱାଳ, ସରୋଜିନୀ ସାହୁ, ଜିତେନ୍ଦ୍ର ସେଠୀ, କାଶୀନାଥ ବେହେରା, ସୁକାନ୍ତ ଝଙ୍କାର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ନାଟ୍ୟକାର ରାମଚନ୍ଦ୍ରଙ୍କର ଜୟନ୍ତୀ

ରଘୁନାଥପୁର, ୪।୪(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧୀନସ୍ଥ ବରଗୋଳ ପଞ୍ଚାୟତ ଗୋଠିଣା ଗ୍ରାମର ମା' ଅଧିଷ୍ଠାତ୍ରୀ ଦେବୀ ନାରାୟଣୀଙ୍କ ପ୍ରାଙ୍ଗଣରେ ନାଟ୍ୟକାର ରାମଚନ୍ଦ୍ର



ସ୍ୱାଇଁଙ୍କ ଜୟନ୍ତୀ ପାଳନ କରାଯାଇଛି। ସକାଳୁ ପ୍ରତିମୂର୍ତ୍ତିରେ ଫୁଲମାଳା ଦିଆଯାଇ ଭଜନ କୀର୍ତ୍ତନ କରାଯାଇଥିଲା। ଏହାସହ ସ୍କୁଲ ପିଲାଙ୍କୁ ମିଠା ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଇଂ. ଅଦ୍ୱୈତ ମହାପାତ୍ର ଓ ଶିକ୍ଷାବିତ୍ତ ଆଦିକନ୍ଦ ନାୟକ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ସ୍ୱାଇଁ, ପ୍ରଦୀପ ସ୍ୱାଇଁ ଓ ବୈଷ୍ଣବ ଦାସ ସହଯୋଗ କରିଥିଲେ। ନାଟ୍ୟକାରଙ୍କ ଶିଷ୍ୟ ନଗେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ନୃସିଂହ ଚରଣ ସ୍ୱାଇଁ, ଗୋପାଳ ବିଶ୍ୱାଳ ଓ ଦାସରଥି ସ୍ୱାଇଁ ପ୍ରମୁଖ ଯୋଗଦେଇ ନାଟ୍ୟକାରଙ୍କ ଜୀବନୀକୁ ନେଇ ସଙ୍ଗୀତ ପରିବେଷଣ କରିଥିଲେ।

### ● ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଷ୍ଟମ ଦିନ

## ଡିକେଟି ଷ୍ଟାର୍ସ ଓ ଜିପିସି ଆଇ ହିରୋସ୍ ବିଜୟୀ

ପାରାଦୀପ, ୪।୪(ସମିସ): ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଥିଲା ଅଷ୍ଟମ ଦିନ। ଅଷ୍ଟମ ଦିନରେ ୨ଟି ମ୍ୟାଚ ସ୍ଥାନୀୟ ଏନ୍‌ଏସି ଫିଲ୍ଡ ଠାରେ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଡିକେଟି ଷ୍ଟାର୍ସ ଓ ବାବା ସାଇମଣ୍ଡସ୍ ମଧ୍ୟରେ ଖେଳା ଯାଇଥିଲା। ଡିକେଟି ପ୍ରଥମ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ବିନିମୟରେ ମୋଟ୍ ୧୭୨ ରନ୍ ସଂଗ୍ରହ କରିଥିଲା। ଦିତୀୟ ଇନିଂସ୍‌ରେ ପାରାଦୀପ ସୁପର୍ କିଙ୍ଗସ୍ ୧୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୦୦ ରନ୍ କରି ପରାଜୟର ସ୍ୱାଦ ଚାଖିଛି। ଡିକେଟି ଷ୍ଟାର୍ସର ରାକେଶ ଙ୍କୁ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଚୟନ କରାଯାଇଛି। ଦିତୀୟ ମ୍ୟାଚ୍‌ଟି ଜିପିସିଆଇ ଓ ଜେସିସି ୱାରିଅର୍ ମଧ୍ୟରେ ଖେଳାଯାଇଥିଲା। ଜେସିସି ପ୍ରଥମ ୧୯.୨ ଓଭରରେ ୧୦ ଉଇକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଥଲା। ଦିତୀୟ ଇନିଂସ୍‌ରେ ଜିପିସିଆଇ ୧୯.୧ ଓଭରରେ ୮ ଉଇକେଟ୍ ହରାଇ ମାତ୍ର ୧୨୫ ରନ୍ କରି ବିଜୟ ହାସଲ କରିଥିଲା। ବିକାଶରାଜ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଦୁଇଟି ମ୍ୟାଚ୍‌ରେ ଦେବେନ୍ଦ୍ର ନାୟକ ନିହାର ବଳିଆରସିଂ ପରିଚାଳନା କରିଥିଲେ। ଆଜି ଅତିଥିଭାବେ ଏସିଇ କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର ଯୋଗ ଦେଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



### ● ବନ୍ଦର ନିଷିଦ୍ଧାଞ୍ଚଳରେ ଅସାମାଜିକଙ୍କ ଅବାଧ ପ୍ରବେଶ

## ସନ୍ଦିଗ୍ଧ ଯୁବକକୁ କାବୁକଲେ ସୁରକ୍ଷାକର୍ମୀ



ପାରାଦୀପ, ୪।୪(ସମିସ): ବନ୍ଦର ପାଞ୍ଚ ନମ୍ବର ଗେଟ୍ ନିକଟରେ ପାଚେରି ଡେଇଁ ଭିତରକୁ ପଶିବା ପାଇଁ ଜଣେ ଅଣଓଡ଼ିଆ ଯୁବକ ଉଦ୍ୟମ କରୁଥିବା ବେଳେ ସିଆଇଏସ୍‌ଏଫ୍ ନଜରକୁ ଆସିବାରୁ ସେମାନେ ତାକୁ କାବୁ କରିଥିଲେ। ସିଆଇଏସଏଫ କର୍ମଚାରୀ ବିରୋଧ କରିବାରୁ ତାଙ୍କୁ ଏହି ଅଣଓଡ଼ିଆ ଯୁବକ ଜଣକ ଆକ୍ରମଣ କରିବାକୁ ପଛାଇ ନଥିଲା। ତେବେ ସେ ଉର୍ଦ୍ଦୁ ଓ ହିନ୍ଦୀ ମିଶା ଭାଷାରେ କଥା ହେଉଥିବା ବେଳେ କିଏ ଏହି ଅଣଓଡିଆ ଯୁବକ, ସନ୍ଦିଗ୍ଧ ବାଂଲାଦେଶୀ ନା ଅନ୍ୟ କିଏ ତାହା ଜଣାପଡ଼ିନାହିଁ। ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଓ ଯୁବକଙ୍କ ମଧ୍ୟରେ ଦୀର୍ଘ ସମୟ ଧସ୍ତାଧସ୍ତି ପରେ ତାକୁ କାବୁ କରାଯାଇଥିଲା। ଯୁବକ ଜଣଙ୍କୁ ପାରାଦୀପ ଆଦର୍ଶ ଥାନାକୁ ହସ୍ତାନ୍ତର କରିଛି ବନ୍ଦର ସିଆଏସଏଫ। ତେବେ ଆଦର୍ଶ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ବନ୍ଦର ନିଷିଦ୍ଧାଞ୍ଚଳ ସୁରକ୍ଷାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ବନ୍ଦର ପାଚେରି ଡେଇଁ ଜାହାଜ ଭିତରକୁ ପଶିବା ପାଇଁ ଏହି ଅଣ ଓଡ଼ିଆ ଯୁବକଙ୍କ ଉଦ୍ୟମ କରୁଥିବା ନେଇ ସନ୍ଦେହ କରାଯାଉଛି। ହନୁମାନ ମନ୍ଦିର ନିକଟରେ ଥିବା ପାଚେରିକୁ ଡେଇଁ ଏହି ଅଣ ଓଡ଼ିଆ ଯୁବକ ବନ୍ଦର ସିଆଇଏସଏଫ କ୍ୟାମ୍ପକୁ ଅତିକ୍ରମ କରି ପିଆଇସିଟି ବର୍ଥରେ ଲାଗିଥିବା ଜାହାଜ ନିକଟକୁ ଚାଲିଯାଇଥିଲେ। ତେବେ ଗତ କିଛି ଦିନ ହେଲା ପାରାଦୀପ ସହରରେ କିଛି ଅଣ ଓଡ଼ିଆ ଯୁବକ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ସେମାନେ ସବୁବେଳେ ପାରାଦୀପ ବନ୍ଦର, ବନ୍ଦର କ୍ୱାଟର ଏରିଆ, ବସ୍‌ଷ୍ଟାଣ୍ଡ ଓ ଲାଇଟ୍ ହାଉସ ନିକଟ ଅଞ୍ଚଳରେ ସନ୍ଦେହ ଜନକ ଭାବେ ବୁଲୁଛନ୍ତି।

## ବାସୁଲେଇ କୈବର୍ତ୍ତ ସଂଘର ବାର୍ଷିକ ଘୋଡ଼ାନାଚ

ତିର୍ତ୍ତୋଲ, ୪।୪(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଶଙ୍ଖେଶ୍ୱର ଗ୍ରାମଦେବୀ ମା' କ୍ଷେତ୍ରପାଳ ମନ୍ଦିର ପ୍ରାଙ୍ଗଣରେ ଦୁଇ ଦିନ ବ୍ୟାପୀ ମା' ବାସୁଲେଇ କୈବର୍ତ୍ତ ସଙ୍ଘର ବାର୍ଷିକ ଘୋଡ଼ାନାଚ ଉତ୍ସବ ସଙ୍ଘର ମୁଖ୍ୟ ଉପଦେଷ୍ଟା ସମାଜସେବୀ ପ୍ରଭାସ ବେହେରାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ବନବିହାରୀ ଘୋଡ଼ାନାଚ ଅନ୍ତେଇର କଳାକାରଙ୍କ ଦ୍ୱାରା ପୌରାଣିକ ବିଷୟବସ୍ତୁକୁ ଆଧାର କରି ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଯୁବ ସମାଜସେବୀ ତଥା କୈବର୍ତ୍ତ ସଂଘର ସଭାପତି ରଞ୍ଜନ କୁମାର ବେହେରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ (ବୁଲୁ ନନା) ଓ ସମ୍ମାନିତ ବକ୍ତା ଭାବେ ରଶ୍ମୀରଞ୍ଜନ ମହାପାତ୍ର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚରେ ଖଇଫୁଟା ଯାତ୍ରା କମିଟିର ସଂଗଠକ ଅତୃପ୍ତି ମହାପାତ୍ର, ସେନା ବିଭାଗର ପ୍ରାକ୍ତନ କର୍ମଚାରୀ ସତ୍ୟାନନ୍ଦ ବେହେରା, ସମ୍ପାଦକ ସୁଧାକର ବେହେରା, ନିରଞ୍ଜନ



ବେହେରା, ପୃଷ୍ଠପୋଷକ ଶକ୍ତିକାନ୍ତ ବେହେରା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ବାବାଜୀ ବେହେରା, ଜୟରାମ ବେହେରା, ଉମାକାନ୍ତ ବେହେରା, ପତିତପାବନ ବେହେରା, ସନ୍ତୋଷ ଦଳାଇ, ବୈକୁଣ୍ଠ ବେହେରା ଓ ରବୀନ୍ଦ୍ର ବେହେରା ପ୍ରମୁଖ ସଦସ୍ୟ ପରିଚାଳନା କରିଥିଲେ।

## କୃତୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୪।୪(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ରସୁଲପୁର ସ୍ଥିତ ଅବଦୁଲ ରହିମ ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ପ୍ରାକ୍ତନ୍ ବିଇଓ ବାଇଧର ତ୍ରିପାଠୀ, ମୁଖ୍ୟ ବକ୍ତା ଶିକ୍ଷକ ସଂଘ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ ପ୍ରଧାନ, ଶିକ୍ଷକ ଶିକ୍ଷୟିତ୍ରୀ ଶେଖ ହବିବୁର ଅଲ୍ଲୀ, ହିପବୁର ରହେମନ୍, କାହ୍ନୁ ଚରଣ ପଣ୍ଡା, ତ୍ରିଲୋଚନ ମଲ୍ଲିକ, ମୀରା ମହାପାତ୍ର, ହେମଲତା ପତି, ଅନୁପମା ସାହୁ, ରୀତାଞ୍ଜଳି ମହାନ୍ତି, ଶୁଭଶ୍ରୀ ପ୍ରିୟଦର୍ଶିନୀ ଦାଶ, ସ୍ୱାଗତିକା ନାୟକ, ସୌଦାମିନୀ କହଁର ପ୍ରମୁଖ ଯୋଗଦେଇଥିଲେ। ସଅଁରା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବାବୁଲି ସ୍ୱାଇଁ ଏହି ଉତ୍ସବକୁ ସଂଯୋଜନା କରିଥିବାବେଳେ ଶିକ୍ଷକ ଟୁଟୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଖ ଲତିଫ ଉଦ୍ଦିନ ଓ ପଞ୍ଚସଖା ସେତୁ ସଭାପତି ନିହାର ରଞ୍ଜନ ପରିଡ଼ା ପରିଚାଳନା କରିଥିଲେ।

## କୁଜଙ୍ଗ ବାର୍ ଆସୋସିଏସନର ଶପଥ ପାଠ ଉତ୍ସବ



ପାରାଦୀପ, ୪।୪(ସମିସ): ନବନିର୍ବାଚିତ କୁଜଙ୍ଗ ବାର ଆସୋସିଏସନ୍‌ର କର୍ମକର୍ତ୍ତା ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମ୍ପାଦକ ଭାବେ ରଞ୍ଜିତ ବିଶ୍ୱାଳ, ସହ ସମ୍ପାଦକ ଭାବେ ପ୍ରିୟମ୍ବଦା ପାଣି ନିର୍ବାଚିତ ହୋଇଥିଲେ। ଅନ୍ୟ କର୍ମକର୍ତ୍ତା ମାନେ ବିନା ପ୍ରତିଦ୍ୱନ୍ଦିତାରେ ବିଜୟୀ ହୋଇଥିଲେ। ଆଜି ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ମନ୍ତ୍ରୀ ସମସ୍ତ ପୂର୍ବତନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ନିର୍ବାଚନ ଅଧିକାରୀ ସତ୍ୟାନନ୍ଦ ବିଶ୍ୱାଳ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଯାଦବ, ଅମୃତ ଦାସ, ସମ୍ପାଦକ ବ୍ରଜ କିଶୋର ରାଉତ ଯୋଗଦେଇ ବାର ଆସୋସିଏସନ୍‌ର ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭାପତି ସଞ୍ଜୟ କୁମାର ବେହେରା ବାର ଆସୋସିଏସନ୍‌ର ଦ୍ରୁତ ବିକାଶ କରାଯିବା ସହିତ ଅନେକ ସଂସ୍କାର ଅଣାଯାଇ ଓକିଲମାନଙ୍କ ସ୍ୱାର୍ଥ ସୁରକ୍ଷା କରାଯିବ ବୋଲି ବକ୍ତବ୍ୟ ରଖିଥିଲେ। ଦାମୋଦର ସ୍ୱାଇଁ, କୈଳାଶ ମହାପାତ୍ର, ନୃସିଂହ ଚରଣ ପ୍ରଧାନ, ପ୍ରଣୟ ପରିଜା, ଉଷ୍ମ ରଶ୍ମି ବିଶ୍ୱାଳ, ସୁବର୍ଣ୍ଣ ନିଶ୍ର, ପ୍ରିୟମ୍ବଦା ପାଣି, ଅଭୟ ବେହେରା ପ୍ରମୁଖ କାର୍ଯକ୍ରମ କୁ ପରିଚାଳନା କରିଥିଲା। ସମ୍ପାଦକ ରଞ୍ଜିତ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୈଜ୍ଞାନିକ ପ୍ରାଣକୃଷ୍ଣଙ୍କ ଜୟନ୍ତୀ

ଜଗତସିଂହପୁର, ୪।୪(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଜଗତସିଂହପୁର ଜିଲ୍ଲା ଶାଖାର ସାଂସ୍କୃତିକ ମଞ୍ଚ ଉତ୍କଳକଳା ଓ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମଙ୍ଗରେ ୯୦ତମ ଓଡ଼ିଶା ଦିବସ ସାଙ୍ଗକୁ ଜଗତସିଂହପୁର ମାଟିର ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜାଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଲୋକ ସଂସଦ ପୂର୍ବ ସମ୍ପାଗର ମୋ ଗାଁ (ପରିବେଶ)ର ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଅଧ୍ୟାପକ ସୁବାସ ଚନ୍ଦ୍ର ବେହୁରା ବିବେକବାଣୀ ପାଠ, ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଶାନ୍ତନୁ କୁମାର ମିଶ୍ର ମୁଖ୍ୟଅତିଥି, ବିରିଡି ବ୍ଲକର ଅତିରିକ୍ତ ଶିକ୍ଷାଅଧିକାରୀ ପ୍ରକାଶ ରଞ୍ଜନ ଦାଶ, ବିଦ୍ୟାମନ୍ଦିରର ସମ୍ପାଦକ ଅଲେଖ ଚନ୍ଦ୍ର ମହାରଣା ଓ ପ୍ରତିଷ୍ଠାତା ଆଶୁତୋଷ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଗୁରୁଜୀ ପିତାମ୍ବର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ କୁଇଜ୍ ମାଷ୍ଟର ଭାବେ ଯୋଗଦେଇଥିଲେ। ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ କଳାକେନ୍ଦ୍ରର କୁନିକୁନି ପିଲାମାନେ ଗୁରୁମା' ବିଜୟଲକ୍ଷ୍ମୀ ମହାନ୍ତିଙ୍କ ମାର୍ଗଦର୍ଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଗୁରୁଜୀ ବସନ୍ତ କୁମାର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସଂସଦରେ ଦେବର୍ଷି ମହାନ୍ତି, ଅବନୀକାନ୍ତ ମହାରଣା, ଲାଲା ସଂଗ୍ରାମ କେଶରୀ ରାୟ, ଉଲ୍ଲାସ ଚନ୍ଦ୍ର ମହାନ୍ତି ଓ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମାମାନେ ଆନ୍ତରିକ ସହଯୋଗ କରିଥିଲେ।

## 'କଲ୍ଲୋଳ' ଉପଲକ୍ଷେ ପଲ୍ଲୀଶ୍ରୀ ମେଳା

ଜଗତସିଂହପୁର, ୪।୪(ସମିସ): ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଜଗତସିଂହପୁର ଜିଲ୍ଲା ଉତ୍ସବ 'କଲ୍ଲୋଳ' ଅବସରରେ ଓରମାସ୍ ପକ୍ଷରୁ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପଲ୍ଲୀଶ୍ରୀ ମେଳାରେ ୮୮ ଟି ଷ୍ଟଲର ଆୟୋଜନ କରାଯାଇଛି ଏବଂ ଏଥିରୁ ୧୦ଟି ଖାଦ୍ୟ ଷ୍ଟଲ୍ ପଡ଼ିଛି। ଆମ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ହସ୍ତଶିଳ୍ପ, ହସ୍ତକଳା ଓ ହସ୍ତତନ୍ତ ସହିତ ବିଭିନ୍ନ ଗ୍ରାମୀଣ ଓ କୃଷି ଜାତ ଦ୍ରବ୍ୟ ନେଇ ଏଠାକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଆସିଛନ୍ତି। ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ପଲ୍ଲୀଶ୍ରୀ ମେଳାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ୍ ଗୁଡିକ ମଧ୍ୟରେ କନ୍ଧମାଳ ହଳଦୀ, ମାଣ୍ଡିଆରେ ପ୍ରସ୍ତୁତି ଖାଦ୍ୟ ସାମଗ୍ରୀ, କଳାହାଣ୍ଡି ଜୁନାଗଡ଼ର କାଠ କାମ ଆଦି ପ୍ରମୁଖ। ମୁଖ୍ୟଅତିଥି ନିଜେ କନ୍ଧମାଳ ହଳଦୀ କିଣିବା ସହ ମାଣ୍ଡିଆରେ ପ୍ରସ୍ତୁତ ବିସ୍କୁଟ ଖାଇ ଏହାର ପ୍ରଶଂସା କରିଥିଲେ। ଏହି ପଲ୍ଲୀଶ୍ରୀ ମେଳାଟି ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେଙ୍କ ତତ୍ତ୍ୱାବଧାନରେ ଡେପୁଟି ସିଇଓ ମଧୁସ୍ମିତା ସାହୁ ଓ ଓରମାସ କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ କରାଯାଇଛି। ପ୍ରତ୍ୟେକ ଦିନ ଏହି ଷ୍ଟଲ୍ ଗୁଡିକରେ ଦର୍ଶକଙ୍କ ଭିଡ଼ ଜମୁଥିବା ଲକ୍ଷ କରାଯାଇଛି।



## ଜିଲ୍ଲା ମହୋତ୍ସବ 'କଲ୍ଲୋଳ'ର ଚତୁର୍ଥ ସନ୍ଧ୍ୟା

ଜଗତସିଂହପୁର, ୪।୪(ସମିସ)




ଜିଲ୍ଲା ମହୋତ୍ସବ କଲ୍ଲୋଳର ଆଜି ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ମୁଖ୍ୟ କାରଖାନା ଅଧିକାରୀ, ଇଫକୋ, ପାରାଦୀପ ପ୍ରଦୀପ କୁମାର ମହାପାତ୍ର। ବର୍ତ୍ତମାନ ସମାଜରେ ପଇସାର ଆବଶ୍ୟକତା ନାହିଁ ଆବଶ୍ୟକତା ଅଛି କଲ୍ଲୋଳର ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାରାଦୀପ ପୌର ପରିଷଦ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ବନଖଣ୍ଡ ଅଧିକାରୀ (ଲୁଣା ଜଙ୍ଗଲ), ବନ୍ୟପ୍ରାଣୀ ବନଖଣ୍ଡ, ରାଜନଗର ଭରଦରାଜ ଗାଓଁକର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଅଜିଙ୍କ୍ୟ ମାଣେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ମଞ୍ଚାସୀନ ରହି ଜଗତସିଂହପୁର ଜିଲ୍ଲାର ଗୌରବମୟ ଇତିହାସ ସାଙ୍ଗକୁ ଜିଲ୍ଲାର କଳା, ସାହିତ୍ୟ ସଂସ୍କୃତି ଓ ପରମ୍ପରାର ମହତ୍ତ୍ୱ ପ୍ରତିପାଦିତ କରିଥିଲେ। ସଭାରେ ବ୍ଲକ ଉନ୍ନୟନ ଅଧିକାରୀ ବିରିଡ଼ି ଆୟୁଷି ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେପୁଟି କଲେକ୍ଟର, ରାଜସ୍ୱ ସୁଶ୍ରୀ ଅନିଶା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ନୀଳଚକ୍ର, କୋଣାର୍କ ଚକ୍ର ଓ ପ୍ରଭୁ ଜଗନ୍ନାଥଙ୍କ ସହିତ ଉତ୍କଳର ବରପୁତ୍ର ତଥା ଆମ ନୌବାଣିଜ୍ୟ ର ପ୍ରତୀକର ସୁନ୍ଦର ପୁଷ୍ପ ପ୍ରଦର୍ଶନୀ ପ୍ରଦର୍ଶନ କରାଯାଇଛି। ସଭା ପରେ ଆଜିର ଆକର୍ଷଣ ଥିଲେ ମଣ୍ଟୁ ଛୁରିଆ ଓ ସାଥୀ। କମେଡିଆନ୍ ପପୁ ପମପମ୍ ପ୍ରଦର୍ଶନରେ ଝୁମି ଉଠିଥିଲେ କଲ୍ଲୋଳର ଦର୍ଶକ। କଲ୍ଲୋଳରେ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଆଗତ ଷ୍ଟଲ୍‌ରେ ବିଭିନ୍ନ ହସ୍ତକଳା, ଶିଳ୍ପ, ଘରକରଣା ଜିନିଷ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପ୍ରକାଶ ଥାଉ କି, ଓରମାସର ଏହି ପଲ୍ଲୀଶ୍ରୀ ମେଳାରେ ୮୮ଟି ଷ୍ଟଲ୍ ମଧ୍ୟରେ ୧୦ ଟି ଖାଦ୍ୟ ଷ୍ଟଲ୍ ସହିତ ବାହାର ରାଜ୍ୟ ପଶ୍ଚିମବଙ୍ଗ ହ ତନ୍ତ, ରାଜସ୍ଥାନ ର ଖାଦ୍ୟ ଷ୍ଟଲ, ତେଲେଙ୍ଗାନା ର କାଠ ତିଆରି ଶିଳ୍ପ ଓ ହସ୍ତ ତନ୍ତର ଷ୍ଟଲ ରହିଛି। ପ୍ରାପ୍ତ ସୂଚନା ଅନୁଯାୟୀ ପଲ୍ଲୀଶ୍ରୀ ମେଳା ରେ ୩ୟ ଦିନ ସୁଦ୍ଧା ୪୧ ଲକ୍ଷ ୫୮ ହଜାର ୬୬୮ ଟଙ୍କାର ବ୍ୟବସାୟ ହୋଇଛି।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ହିନ୍ଦୋଳ,୪।୪(ସମିସ): ରାସୋଳ ଥାନା ଅଞ୍ଚଳର ଜଣେ ୫୨ ବର୍ଷୀୟ ଅନୁସୂଚିତ ଜାତି ବର୍ଗର ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ସର୍ପା ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିଲେ। ଏହି ସମୟରେ ଆଠମଲ୍ଲିକ୍ ବ୍ଲକ୍ ପାଇକସାହି ପଞ୍ଚାୟତ ତାଳବାହାଳି ଗ୍ରାମର ସଞ୍ଜୟ ବେହେରା (୨୫) ସେଠାରେ ରହି କାମ କରୁଥିଲେ। ମହିଳାଙ୍କୁ ଏକାକୀ ପାଇ ଭିକ୍ଷାଦେବାକୁ କହି ନିଜ କୁଡ଼ିଆ ଭିତରକୁ ଡାକି ନେଇଥିଲେ। ସେଠାରେ ବଳପୂର୍ବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସମ୍ପର୍କରେ ମହିଳା ଜଣକ ଶନିବାର ରାସୋଳ ଥାନାରେ ଅଭିଯୋଗ କରିଛନ୍ତି। ଥାନା ଏସଆଇ ଝରଣା ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିବା ସହ ସଞ୍ଜୟଙ୍କୁ କାବୁ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରାଯାଇଛି।

## ସହର ନିକଟରେ ଜଳୁଛି ଜଙ୍ଗଲ



କାମାକ୍ଷାନଗର,୪।୪(ସମିସ): କାମାକ୍ଷାନଗର ସହରଠାରୁ ମାତ୍ର ତିନି କିଲୋମିଟର ଦୂରରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଜଙ୍ଗଲରେ ନିଆଁ ଲାଗିଛି। ଜଳିଯାଉଛି ମୂଲ୍ୟବାନ ବୃକ୍ଷ। ଏପରିକି ବନ୍ୟଜନ୍ତୁ ମଧ୍ୟ ଜଙ୍ଗଲ ନିଆଁରେ ପ୍ରଭାବିତ ହେଉଛନ୍ତି। ଏକର ଏକର ଜଙ୍ଗଲରେ ନିଆଁ ଲାଗି ଶହଶହ ମୂଲ୍ୟବାନ ବୃକ୍ଷ ପୋଡ଼ିଯାଉଥିବା ବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିଛି। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସହର ନିକଟ ଜଙ୍ଗଲରେ ନିଆଁ ଲାଗିଥିବାରୁ ଅଞ୍ଚଳରେ ତାପମାତ୍ରା ମଧ୍ୟ ବୃଦ୍ଧି ପାଇଁ ଅସହ୍ୟ ତାତି ଅନୁଭୂତ ହେଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ନିଆଁ ଲିଭାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ରାଧାକୁଞ୍ଜ ସାହିରେ ଚୈତ୍ରପୂର୍ଣ୍ଣମୀ ପାଳିତ



କାମାକ୍ଷାନଗର,୪।୪(ସମିସ): କାମାକ୍ଷାନଗର ସହର ନିକଟ ଜିରିଡ଼ାମାଳି ଗ୍ରାମରେ ଥିବା ରାଧାକୁଞ୍ଜ ସାହିରେ ଚୈତ୍ର ପୂର୍ଣ୍ଣମୀ ପାଳିତ ହୋଇଛି। ସାହିର ଆରାଧ୍ୟ ଦେବୀ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଭଜନ, କୀର୍ତ୍ତନ କରାଯିବା ସହ ବାର୍ଷିକ ଉତ୍ସବ ପାଳିତ ହୋଇଛି। ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ହୋଇଥିବା ବେଳେ ସନ୍ଧ୍ୟାରେ ଆଳତି ଓ ପରେ ନଗରକୀର୍ତ୍ତନ ହୋଇଥିଲା। ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ନଗରକୀର୍ତ୍ତନରେ ସାମିଲ ହୋଇ ସାହି ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

## ସମାଜସେବୀଙ୍କ ପରଲୋକ



ଗଁଦିଆ,୪।୪(ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତର ପୂର୍ବତନ ସରପଞ୍ଚ, ଯୁବ ସାମ୍ବାଦିକ ପ୍ରଦୀପ କୁମାର ଦାସଙ୍କ ବାପା ସମାଜସେବୀ ଈଶ୍ୱର ଦାସଙ୍କର ଦେହାନ୍ତ ହୋଇଛି। ତାଙ୍କ ବିୟୋଗ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ବେଗାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ଘନିଷ୍ଠ ସହଯୋଗୀ ପ୍ରଦୀପ ଦାସ ଓ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

● ପୁରୁଣା ରାସ୍ତାରେ ଅଳ୍ପ ମାଟି ପକାଇ ନୂତନ ରାସ୍ତା ଦର୍ଶାଇଲେ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ମଣ୍ଡାପାଳ ଗ୍ରାମବାସୀ



ଢେଙ୍କାନାଳ,୪।୪(ସମିସ): ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ ମଣ୍ଡାପାଳ ଗ୍ରାମରେ ଥିବା ପୁରୁଣା ରାସ୍ତାରେ କିଛି ମାଟି ପକାଇ ନୂତନ ରାସ୍ତା ଭାବେ ନାମିତ କରି ଫଳକ ମାରି ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଶନିବାର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ମା' ବାଉତି ମନ୍ଦିରଠାରୁ ନୂଆଗାଁ ଯୋର ପର୍ଯ୍ୟନ୍ତ ରାସ୍ତା ୨୦୨୨ରୁ ୨୦୨୪ ମଧ୍ୟରେ ତିଆରି କରାଯାଇଥିଲା। ମାତ୍ର ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ସରକାରୀ କର୍ମଚାରୀଙ୍କୁ ହାତ କରି ଜେସିବି ମେସିନ ସାହାଯ୍ୟରେ ଗ୍ରାମବାସୀଙ୍କ ଅଜାଣତରେ ରାତିଅଧରେ ଉକ୍ତ ରାସ୍ତାରେ ଅଳ୍ପ ମୋରମ ଛିଞ୍ଚିଦେଇ ନୂତନ ନାମ ଫଳକ ଲଗାଇ ଗ୍ରାମର ଅନ୍ୟ ଏକ ଆରଡି ରାସ୍ତା ନାମରେ ନାମିତ କରି ବିଲ୍ ଉଠାଉଛନ୍ତି। ଏହି କାର୍ଯ୍ୟର ନାମ ମଣ୍ଡାପାଳ କୋଚିଲାବଣିଠାରୁ ବଡ଼ଯୋରା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ରଖି ଗ୍ରାମର କିଛି ଜବକାର୍ଡଧାରୀଙ୍କୁ ହାତ କରି ଟଙ୍କା ଉଠାଉଛନ୍ତି। ଏହି ମିଥ୍ୟ କାର୍ଯ୍ୟର ବିଲ୍‌କୁ ସ୍ଥଗିତ ରଖିବା ସହ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ ଆନାଲାଇଜର ଅଚଳ

# ରକ୍ତ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ

ଢେଙ୍କାନାଳ,୪।୪(ସମିସ):



ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ ଆନାଲାଇଜର ମେସିନ ଅଚଳ ହୋଇପଡ଼ିଥିବାରୁ ରକ୍ତ ପରୀକ୍ଷା ପାଇଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଗ୍ରାମର ଚଉଦ ମାସର ଶିଶୁ ବିଷାକ୍ତ ପଦାର୍ଥ ଖାଇ ଶୁକ୍ରବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କର ସିବିସି, ଆରବିସି ଓ ସିଆରପି କରିବା ପାଇଁ ପରାମର୍ଶ ଦେଇଥିଲେ। ରକ୍ତନମୁନା ଦେବା ପରେ ମଧ୍ୟାହ୍ନ ୧୨ରେ ରିପୋର୍ଟ ମିଳିବ ବୋଲି କାର୍ଯ୍ୟାରତ ଟେକ୍ନିସିଆନ କହିଥିଲେ। ରୋଗୀଙ୍କ ସମ୍ପର୍କୀୟ ୧୨ରେ ପହଞ୍ଚିବାରୁ ତାଙ୍କୁ ଅପରାହ୍ନ ୩ଟାରେ ରିପୋର୍ଟ ମିଳିବ ବୋଲି କହିଥିଲେ। ୩ଟାରେ ଦୁଇଟି ରିପୋର୍ଟ ମିଳିଥିଲା। ଆଉ ଗୋଟିଏ ରିପୋର୍ଟ ପାଇଁ ମେସିନ ଖରାପ ଅଛି, ଆସନ୍ତା କାଲି ମିଳିବ ବୋଲି କହିଥିଲେ। ଏ ସମ୍ପର୍କରେ ରୋଗୀଙ୍କ ସମ୍ପର୍କୀୟ ଆମ୍ ଆଦମୀ ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ଯେହେତୁ ଶିଶୁଟି ବିଷାକ୍ତ ପଦାର୍ଥ ଖାଇଦେଇଥିଲା ତେଣୁ ତୁରନ୍ତ ବାହାରେ ରକ୍ତ ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଥିଲେ। ସୌଭାଗ୍ୟ ବଶତଃ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ଯଦି ଗୁରୁତର ଅବସ୍ଥାରେ ଥାନ୍ତା ଏବଂ କିଛି ଅଘଟଣ ଘଟିଥାନ୍ତା, ଏଥିପାଇଁ ଦାୟୀ କିଏ ହୋଇଥାନ୍ତା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆମ୍ ଆଦମୀ ପାର୍ଟିର ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ସାମଲ, ଗଁଦିଆ ବ୍ଲକ ଯୁବ ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯେଉଁ ବାୟୋ ଆନାଲାଇଜର ରହିଛି ତାହା ଅନେକ ପୁରୁଣା ଏବଂ ବାରମ୍ବାର ଖରାପ ହେଉଛି। ତା' ଛଡ଼ା ଯେତିକି ରକ୍ତ ନମୁନା ପରୀକ୍ଷା ପାଇଁ ସେହି ମେସିନ ସକ୍ଷମ ତା'ର ଦୁଇ ଗୁଣ ପରୀକ୍ଷା କରାଯାଉଥିବାରୁ ମେସିନ ବାରମ୍ବାର ଖରାପ ହେଉଛି। ମେସିନ ମରାମତି ପାଇଁ ଏଠାରେ ଟେକ୍ନିସିଆନ ନାହାନ୍ତି। ଫଳରେ ଦୁଇଦିନ ହେଲା ମେସିନ ଅଚଳ ରହିଛି। ଲୋକେ ବାହାରେ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତ ହୋଇ ରକ୍ତ ପରୀକ୍ଷା କରୁଛନ୍ତି। ଏହି ମେସିନ ଲିଭର ଫଙ୍କସନ ଟେଷ୍ଟ, କିଡନୀ ଫଙ୍କସନ ଟେଷ୍ଟ, ଲିପିଡ୍ ପ୍ରୋଫାଇଲ୍ ଟେଷ୍ଟ, ହୃଦୟ ସ୍ୱାସ୍ଥ୍ୟ, କୋଲେଷ୍ଟୋରାଲ ପରୀକ୍ଷା, ମଧୁମେହ ପରୀକ୍ଷା, ଇଲେକ୍ଟ୍ରୋଲାଇଟ ଏବଂ ମିନେରାଲ ପରୀକ୍ଷା, ଅଗ୍ନାଶୟ ରୋଗ ଓ ହୃଦଘାତ ରୋଗ ନିରୂପଣ ପାଇଁ ବ୍ୟବହାର ହୋଇଥାଏ। ଜିଲ୍ଲାବାସୀଙ୍କୁ ମେଡିକାଲ କଲେଜ ସ୍ୱପ୍ନ ଦେଖାଇ ସାମାନ୍ୟ ରକ୍ତ ପରୀକ୍ଷା ପାଇଁ ମାତ୍ର ୩୫ ଲକ୍ଷ ଟଙ୍କାର ମେସିନଟିଏ ଯୋଗାଇ ପାରୁ ନ ଥିବା ସରକାରକୁ ଆମ୍ ଆଦମୀ ପାର୍ଟି କଡ଼ା ନିନ୍ଦା କରିଛି। ଚିକିତ୍ସାଳୟର ସମସ୍ୟା ଦୂର କରିବା ପାଇଁ ଗତବର୍ଷ ସେପ୍ଟେମ୍ବରରେ ପାର୍ଟି ପକ୍ଷରୁ ୧୦ ଦିନ ବ୍ୟାପୀ ଚିକିତ୍ସାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ପୁନର୍ବାର ଏପରି ସମସ୍ୟା ଦେଖାଦେଲାଣି। ରକ୍ତ ପରୀକ୍ଷା ପାଇଁ ଆଉ ଗୋଟିଏ ନୂଆ ମେସିନ କିଣାଯିବା ଏବଂ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ପାର୍ଟି ଦାବି କରିଛି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

## ବାଲିଯାତ୍ରା ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରସ୍ତାବକ ସମ୍ମାନିତ

ଢେଙ୍କାନାଳ,୪।୪(ସମିସ): ଐତିହାସିକ କଟକ ବାଲିଯାତ୍ରାକୁ ଜାତିସଂଘ ୟୁନେସ୍କୋ ଦ୍ୱାରା ଐତିହ୍ୟ ତାଲିକାରେ ସ୍ଥାନିତ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଯେଉଁ ଦାବି କରାଯାଇଥିଲା ସେଥିରେ ଢେଙ୍କାନାଳ ଜିଲ୍ଲାର ଯୁବ ସମାଜସେବୀ ମନୋଜ କୁମାର ସାହୁ ବିଶ୍ୱ ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ବିଶେଷ ଦାବି ଜଣାଇଥିବାରୁ ତାଙ୍କୁ ଓଡ଼ିଶା ଦିବସ ସମାରୋହରେ ସମ୍ମାନିତ କରାଯାଇଛି। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ନେତାଜୀ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ବାଲିଯାତ୍ରା ସ୍ମାରକ, ଓଡ଼ିଶା ଦିବସ ସମ୍ମାନ ଫଳକ, ଅଙ୍ଗବସ୍ତ୍ର ଓ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଅତିଥି ଭାବେ କଟକ-ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ସମ୍ମାନ ପାଇଁ ମନୋଜଙ୍କୁ ବିଶ୍ୱ ଓଡ଼ିଶା ଅନୁଷ୍ଠାନର ଉପସଭାପତି ଦୀପାୟନ ପଟ୍ଟନାୟକ, ଦିଲୀପ ରାୟ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜ ଢେଙ୍କାନାଳ ଜିଲ୍ଲା ଆବାହକ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ବିଶ୍ୱ ଓଡ଼ିଶା ଆନ୍ତର୍ଜାତିକ ଅଧ୍ୟକ୍ଷ ଡ. ଅରୁଣ କୁମାର



ପ୍ରହରାଜ, ବିଶ୍ୱ ଓଡ଼ିଶା ରାଜ୍ୟ ସଂଯୋଜିକା ରଶ୍ମିତା ରାଉତ, ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ, ସମାଜସେବୀ ଓ ସାମ୍ବାଦିକ ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଅସହ୍ୟ ଖରାରେ ବାଟୋଇ ହନ୍ତସନ୍ତ

ହିନ୍ଦୋଳ,୪।୪(ସମିସ): ଚୈତ୍ର ମାସ ସରି ବୈଶାଖ ଆରମ୍ଭ ହେଲା। ସାରା ରାଜ୍ୟରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗିରହିଛି। ହିନ୍ଦୋଳ ଅଞ୍ଚଳରେ ମଧ୍ୟ ଖରାର ପ୍ରକୋପ ବଢ଼ି ଚାଲିଛି। ଉପଖଣ୍ଡରେ ଏବେ ଜଳ ସମସ୍ୟା ଉତ୍କଟ ହୋଇଛି। ବ୍ଲକଠାରୁ ଆରମ୍ଭ କରି ତହସିଲ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ପାଣି ଟୋପେ ପାଇଁ ଏବେ ଉହଳବିକଳ ହେଉଥିବା ଦେଖିବାକୁ ମିଳୁଛି। ବାଧ୍ୟହୋଇ ଦୋକାନରୁ ଚଢ଼ାଦରରେ ପାଣି ବୋତଲ କିଣି ପିଉଛନ୍ତି। ପଥଚାରୀମାନେ ପାଣି ଟୋପେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତେକ ବର୍ଷ ଖରାଦିନ ଆସିଲେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତ ଜରିଆରେ ଛକ ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଥାଏ। ଜଳଛତ୍ର କରିବା ପାଇଁ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅନୁଦାନ ମଧ୍ୟ ଆସିଥାଏ। ମାତ୍ର କେତେକ ଅଧିକାରୀଙ୍କ ଅର୍ଥଖୋର ମନୋଭାବ ଯୋଗୁଁ ଖରାଦିନେ ଜଳଛତ୍ର ନ ଖୋଲି ପରବର୍ତ୍ତୀ ସମୟରେ ପଞ୍ଚାୟତ ତହବିଲରୁ ମୋଟା ଅଙ୍କର ଟଙ୍କା ଉଠାଇ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଉପଖଣ୍ଡର ୩୫ ପଞ୍ଚାୟତରେ ଏପରି ଭାବେ ଜଳଛତ୍ର ନ ଖୋଲି ସରକାରୀ ଟଙ୍କା ହଡ଼ପ କରାଯାଉଥିବା ବିଗତ ବର୍ଷମାନଙ୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାକୁ ରୋକିବା ପରିବର୍ତ୍ତେ ପ୍ରଶାସନ ପରୋକ୍ଷରେ ସହଯୋଗ କରୁଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ପ୍ରଚଣ୍ଡ ଖରା ହେଉଥିବା ବେଳେ ଉପଖଣ୍ଡର କୌଣସି ଗୋଟିଏ ସ୍ଥାନରେ ଏ ପର୍ଯ୍ୟନ୍ତ ଜଳଛତ୍ର ଖୋଲି ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି।

**ଜଳଛତ୍ର ଖୋଲିବ କେବେ**

ଉପଖଣ୍ଡର ପ୍ରମୁଖ ଅଞ୍ଚଳ ସାତମାଇଲ ଛକ, ରାସୋଳ ବଜାର, ଖଜୁରିଆକଟା ବଜାର, ହିନ୍ଦୋଳ ଟାଉନ, ହାତୁରା ବଜାର, ନିମବହାଲି ବଜାର ଭଳି ବିଭିନ୍ନ ସ୍ଥାନରେ ଦୈନିନ୍ଦିନ ହଜାର ହଜାର ଲୋକ ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛି। ଜଳଛତ୍ର ପାଇଁ ଆସୁଥିବା ଅନୁଦାନ ଚଳିତ ବର୍ଷ ମଧ୍ୟ ଆତ୍ମସାତ କରିବା ପାଇଁ ମସୁଧା ଚାଲିଥିବା ଚର୍ଚ୍ଚା ହେଉଛି। ବିଗତ ବର୍ଷମାନଙ୍କରେ ଖରାଦିନ ସରିବା ପୂର୍ବରୁ କେତେକ ସ୍ଥାନରେ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଧର୍ମକୁ ଆଖିଠାର ସଦୃଶ ଗୋଟିଏ ମାଟି ହାଣ୍ଡି ଓ ୨ଟି ଗ୍ଲାସ ଥୋଇଦେଇ ନିଜ କର୍ତ୍ତବ୍ୟ ତୁଲାଇ ଦେଇଥିବା ଦେଖିବାକୁ ମିଳିଥିଲା। ପରେ ବିଭିନ୍ନ ସ୍ଥାନରେ ଜଳଛତ୍ର କରାଯାଇଥିବା ଦର୍ଶାଇ ହଜାର ହଜାର ଟଙ୍କା ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ତଦନ୍ତ ହୋଇନାହିଁ। ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଳିତ ବର୍ଷ ବିଭିନ୍ନ ଜାଗାରେ ଯେପରି ଜଳଛତ୍ର ଖୋଲାଯିବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଯୋଗୁଁ ଦୁର୍ଘଟଣା ବୃଦ୍ଧି



ଗଁଦିଆ,୪।୪(ସମିସ): ବର୍ତ୍ତମାନ ଗଁଦିଆ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ମନ୍ଦାରଠାରୁ ବ୍ରାହ୍ମଣୀ ନଦୀରୁ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପର ପାଇପ ବିଛା କାର୍ଯ୍ୟ ଜାରିରହିଛି। ଢେଙ୍କାନାଳ-ଗଁଦିଆ ମୁଖ୍ୟ ରାସ୍ତା କଡ଼କୁ ଖୋଳାଯାଇ ସେଥିରେ ପାଇପ ବିଛାଯାଉଛି। ବ୍ଲକର ମୁଖ୍ୟ ଛକ ୟୁକୋ ବ୍ୟାଙ୍କଠାରେ ପାଇପ ବିଛାଇବା ପାଇଁ ରାସ୍ତା ଖୋଳାଯାଉଛି। ତେବେ ଠିକାଦାର ପାଇପ ବିଛାଇବା ପାଇଁ ଖୋଳାଯାଉଥିବା ରାସ୍ତାରୁ ମାଟିକୁ ସ୍ଥାନାନ୍ତର ନ କରି ରାସ୍ତା ଉପରେ ପକାଇ ରଖିବା ଫଳରେ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏଥିସହ ଉକ୍ତ ସ୍ଥାନରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଶନିବାର ସୋରିଶିଆପଦା ପଞ୍ଚାୟତ ଦେଓଝର ଗ୍ରାମର ସିଦ୍ଧାନ୍ତ ନାୟକ (୨୫) ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ସନ୍ଧ୍ୟା ୭ଟାରେ ଉକ୍ତ ସ୍ଥାନରେ ପାହାଡ଼ ସଦୃଶ ଗଦା ହୋଇଥିବା ମାଟି ଗଦାରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ଗୋଡ଼ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଛି। ବାଇକ ମଧ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଠିକାଦାରଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଲୋକଙ୍କ ଜୀବନ ବିପଦରେ ପଡ଼ିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଡିଆଇଇଟିରେ ଖାଦ୍ୟମେଳା 'ସୁଆଦ'




ଢେଙ୍କାନାଳ,୪।୪(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଖାଦ୍ୟମେଳା 'ସୁଆଦ' ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ଗୁରୁ ଛାତ୍ରଛାତ୍ରୀ ନିଜ ଷ୍ଟଲରେ ବିଭିନ୍ନ ଖାଦ୍ୟ ପ୍ରଦର୍ଶନ ଓ ବିକ୍ରିବଟା କରିଥିଲେ। ସୁଆଦିଆ ଖାଦ୍ୟର ମହ ମହ ବାସ୍ନା ଗ୍ରାହକଙ୍କୁ ଆକର୍ଷିତ କରୁଥିଲା। ଦହିବରା, ଚାଟ, ଗୁପଚୁପ, ଫ୍ରୁଟ ସାଲାଡ, ଛେନାପୋଡ଼, ପୋଡ଼ ପିଠା, ମାଣ୍ଡିଆ କେକ୍, ମୁଆଁ ପିଠା, ଏଣ୍ଡୁରି, ଆରିସା, କାକରା, ଚକୁଳି, ବିରିୟାନୀ, ଝାଲ ଉଡ଼ି, ଟଙ୍କ ତୋରାଣି, ପାଓଭାଜୀ, ଖିରି, ପୁରୀ, ସୋୟାଚିଲି ପରି ୭୨ ପ୍ରକାର ଖାଦ୍ୟର ପସରା ମେଳିଥିଲା। ଶିକ୍ଷକ ପ୍ରଶିକ୍ଷକ ସ୍ୱାଗତିକା ଶରଣଙ୍କ ତତ୍ତ୍ୱାବଧାନରେ ୨୧ ଷ୍ଟଲରେ ଖାଦ୍ୟ ଉପଲବ୍ଧ ହୋଇଥିଲା ବେଳେ ୬୩ ଗୁରୁ ଛାତ୍ରଛାତ୍ରୀ ଖାଦ୍ୟମେଳାରେ ଅଂଶଗ୍ରହଣ କରିଥିଲେ। ଅବଶିଷ୍ଟ ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ଗ୍ରାହକ ସାଜି ଖାଦ୍ୟ କିଣିଥିଲେ ଓ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ। ଖାଦ୍ୟମେଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଓ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ ଯୋଗଦେଇଥିଲେ। ଖାଦ୍ୟର ପୌଷ୍ଟିକତା, ପରିଷ୍କାର ପରିଛନ୍ନତା, ସ୍ୱାଦ ଓ ବଜାର ଚାହିଦା ଆଧାରରେ ପ୍ରଶିକ୍ଷିକା କଲ୍ୟାଣୀ ସାହୁ, ପ୍ରତିଭା ଦଳେଇ ଓ ବିଦ୍ୟୁତପ୍ରଭା ଶତପଥୀ ମୂଲ୍ୟାୟନ କରିଥିଲେ।

## ଚୋରା ଗ୍ୟାସ ଦୋକାନରେ ଚଢ଼ଉ

● ୨୭ ସିଲିଣ୍ଡର ଜବତ

ଢେଙ୍କାନାଳ,୪।୪(ସମିସ): ସ୍ଥାନୀୟ ଜଗନ୍ନାଥ ରୋଡରେ ଥିବା ଏକ ଗ୍ୟାସ ଦୋକାନରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ୨୭ଟି ସିଲିଣ୍ଡର ଜବତ କରାଯାଇଛି। ଗ୍ୟାସ ସଙ୍କଟ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ଏବଂ ପ୍ରଶାସନ ତରଫରୁ ଶନିବାର ଚଢ଼ଉ କରାଯାଇଛି। ଜଗନ୍ନାଥ ରୋଡ୍ ନୂଆ ଶାସନସ୍ଥିତ ସୀତାରାମ ଗ୍ୟାସ ଦୋକାନରେ ଚଢ଼ଉ କରି ୨୭ଟି ସିଲିଣ୍ଡର ଜବତ କରାଯାଇଛି। ସେଥି ମଧ୍ୟରୁ ୩ଟି କମର୍ସିଆଲ ଏବଂ ୩ଟି ଘରୋଇ ସିଲିଣ୍ଡର ଗ୍ୟାସ ଭର୍ତ୍ତିର୍ ହୋଇ ରହିଥିବାବେଳେ ଅନ୍ୟ ୨୧ଟି ଖାଲି ସିଲିଣ୍ଡର ରହିଛି। ଦୋକାନ ସିଲ କରାଯାଇଥିବା ଜଣାପଡ଼ିଛି। ଚଢ଼ଉରେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ ସାମିଲ ଥିଲେ।

ଲାନ୍‌କୋ ଜମିହରା ପ୍ରଜାଙ୍କ ମାମଲା

# ଜମି ଫେରାଇ ନେବା ଦାବିରେ ବିକ୍ଷୋଭ

ଢେଙ୍କାନାଳ,୪।୪(ସମିସ):

ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରଣ୍ଟି ଗ୍ରାମରେ ଲାନକୋ କାରଖାନାକୁ ନେଇ ପ୍ରଜାସଙ୍ଘ ଦୀର୍ଘ ୨୦ ବର୍ଷ ଧରି ସଂଗ୍ରାମ ଚଳାଇଥିବା ବେଳେ ଶନିବାର ଉଚ୍ଚ ନ୍ୟାୟାଳୟର ଆଇନଜିବୀ ଲଳିତ କୁମାର ମିଶ୍ର ନିଜ ପକ୍ଷ ରଖିଛନ୍ତି। ପୁନର୍ବାର ଜିଲ୍ଲାପାଳ ଆସନ୍ତା ୧୮ ତାରିଖକୁ ସମୟ ନେଇଥିବା ବେଳେ ସାଫ୍ରନ କମ୍ପାନୀଠାରୁ ଜମି ଫେରାଇନେବା ଦାବିରେ ଶହ ଶହ ପୁରୁଷ ମହିଳା ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଲାନକୋ କମ୍ପାନୀ କାରଖାନା ନିର୍ମାଣ ପାଇଁ ୨୦୦୮ରେ ରାଜ୍ୟ ସରକାରଙ୍କ ସହ ଏମ୍ଓୟୁ ସ୍ୱାକ୍ଷର କରିଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ନ ହେବା ନେଇ ଜମିହରା ପ୍ରଜାସଂଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହାର ଶୁଣାଣି ହୋଇଥିଲା। ଜମିହରା ପ୍ରଜାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପକ୍ଷ ରଖିଥିଲେ। କମ୍ପାନୀରେ ନିଯୁକ୍ତି ମିଳିବ ତେଣୁ ୧୦୦୦ ଏକର ଜମିକୁ ଅଞ୍ଚଳବାସୀ ନିଜ ଭଲିଷ୍ୟତ ପାଇଁ ଏକର ପିଛା ୩ରୁ ୬ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ୫ ବର୍ଷ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇ ନ ପାରିଲେ ଜମି ଫେରାଇ ଦିଆଯିବ ବୋଲି ଏମଓୟୁରେ ଉଲ୍ଲେଖ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କ୍ଷତିଗ୍ରସ୍ତ କମିହରା ପ୍ରଜାସଂଘ ଦର୍ଶାଇଥିଲା। କିନ୍ତୁ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ଓଲଟା ଲାନ୍‌କୋ କମ୍ପାନୀ ଉକ୍ତ ଜମିକୁ ସାଫ୍ରନ କମ୍ପାନୀ ନିକଟରେ ବନ୍ଧକ ରଖି ବହୁହଜାର କୋଟି ଟଙ୍କା ଋଣ କରିପକାଇଲା। ଏ ନେଇ ଜମିହରା ପ୍ରଜା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୨୦୦୮ରୁ ଖଡ଼ଗପ୍ରସାଦ, କୁରୁଣ୍ଟି ଗ୍ରାମ ନିକଟରେ ୧ ହଜାର ୨୩୨ ଏକର ଜମିରେ ୧୩୨୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନ ପାଇଁ ଲାନକୋ ବାବନ୍ଧ ପାୱାର ପ୍ଲାଣ୍ଟ ପାଇଁ ୮ ହଜାର କୋଟିଟଙ୍କା ବିନିଯୋଗ କରିବାର ଲକ୍ଷ୍ୟ ରଖିଥିଲା। କିନ୍ତୁ ମୁମ୍ବାଇର ନ୍ୟାସନାଲ କମ୍ପାନୀ ଲ ଟ୍ରାଇବୁନାଲ ଏହାକୁ ଦେବାଳିଆ ଦର୍ଶାଇବା ଦ୍ୱାରା ଏହା ବନ୍ଦ ହୋଇଗଲା। ଲାନକୋ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଓ ବାକି ଥିବା ପେମେଣ୍ଟ ସହ କମ୍ପାନୀ ଜମିହରା ପ୍ରଜାଙ୍କୁ ଜମି ବାବଦ ବକେୟା ଟଙ୍କା, ଚାକିରି, ପାରିପାଶ୍ୱିକ ଉନ୍ନୟନ କାର୍ଯ୍ୟ କରି ନ ଥିବା ବେଳେ ଜମିହରାଙ୍କୁ ତାଙ୍କ ଜମି ଫେରସ୍ତ ଦେଲାନାହିଁ। ଲାନକୋ କାରଖାନା ପାଇଁ ଏମଓୟୁ କରିଥିବା ବେଳେ କଳା ତାଲିକାଭୁକ୍ତ ହେବା ପରେ ୫ ବର୍ଷ ମଧ୍ୟରେ କାରଖାନା କରିପାରିଲା ନାହିଁ। ସରକାରଙ୍କ ନିୟମ ଅନୁସାରେ ପ୍ରଜାମାନଙ୍କୁ ଜମି ଫେରାଇ ଦେବା କଥା। ଲାନକୋ ସାଫରନ, ଜେଏସଡବ୍ଲ୍ୟୁକୁ ସମସ୍ତ ନୀତିନିୟମ ଉଲ୍ଲଙ୍ଘନ କରି ଜମି ବିକ୍ରି କରିଛି। ସାଫରନ ୯୨ କୋଟି ଟଙ୍କାରେ କିଣି ୮୮୭ ଏକର ଜମିକୁ ୬୯୦ କୋଟିରେ ବିକ୍ରି କରିଛି। ପ୍ରଜାମାନଙ୍କ ତରଫରୁ ଆସିଥିବା ଆଇନଜୀବୀ ଲଳିତ କୁମାର ମିଶ୍ରଙ୍କ କହିବା ଅନୁସାରେ ସରକାର ପ୍ରଜାମାନଙ୍କଠାରୁ ଜମି କିଣିବା ପରେ ତାକୁ କିପରି ବିକ୍ରି କରାଗଲା ତାହା ତଦନ୍ତ ସାପେକ୍ଷ। ପ୍ରଜାମାନେ ଯେଉଁ ଲକ୍ଷ୍ୟରେ ଜମି ଦେଇଥିଲେ ସେହି ଲକ୍ଷ୍ୟ ପୂରଣ ନ ହେଲେ ଜମି ଫେରାଇ ଦେବାକୁ କହିଛନ୍ତି। ସେହିପରି ୮୮୭ ଏକର ଜମିକୁ ୯୨ କୋଟିରେ କିଣି ୬୯୦କୋଟିରେ ବିକ୍ରି କରିବା ଦ୍ୱାରା ସରକାରଙ୍କର ୨୫୦ କୋଟି କ୍ଷତି ହୋଇଛି। ଇଡ୍‌କୋ ମଧ୍ୟ ନିୟମ ଉଲ୍ଲଙ୍ଘନ କରି ସମସ୍ତ କାର୍ଯ୍ୟ କରିଛି।

ଏହାକୁ ନେଇ ଆଜି ପୁଣି ଶୁଣାଣି କରାଯାଇଥିବା ବେଳେ ପ୍ରଜାସଙ୍ଘ ସଭାପତି ଗଙ୍ଗାଧର ସାମଲ କହିଛନ୍ତି ଯେ ସବୁବେଳେ ଗୋଟିଏ ଗୋଟିଏ ନୂଆ ସମସ୍ୟା ଉପୁଜୁଛି। ୧୫/୧୭ ବର୍ଷ ହେବ ପ୍ରଜାଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଏବେ ବ୍ରାହ୍ମଣୀ ନଦୀଠାରୁ ସିଧାସଳଖ ୫୫ନଂ ଜାତୀୟ ରାଜପଥକୁ ନୂତନ ରାସ୍ତା ନିର୍ମାଣ ନିମନ୍ତେ ଲାନକୋ ଜମିରେ ଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ବର୍ତ୍ତମାନ ଖଡ଼ଗପ୍ରସାଦ ଗ୍ରାମ ଦେଇ ରାସ୍ତା ଯାଉଥିବାରୁ ଗ୍ରାମବାସୀ ବିପୁଳ କ୍ଷତି ସହିବେ। ଏହାକୁ ନେଇ ପ୍ରଜାମାନେ ବିରୋଧ ପ୍ରଦର୍ଶନ କରିବା ସହ ୨୦୨୫ରେ ପ୍ରସ୍ତାବିତ ଜମିରେ ରାସ୍ତା ନେବାକୁ ନିବେଦନ କରିଛନ୍ତି। ସେହିପରି ନିୟମଅନୁସାରେ ବନ୍ୟା ଜୋନର ୫ଶହ ମିଟର ଦୂରତାରେ କମ୍ପାନୀ ପ୍ରତିଷ୍ଠାର ନିୟମ ରହିଥିବା ବେଳେ ନଦୀର ମାତ୍ର ୩ଶହ ମିଟରରେ କିଭଳି କାରଖାନା ସ୍ଥାପନ ପାଇଁ ଅନୁମତି ପ୍ରଦାନ କରାଯାଉଛି ତାହା ଚିନ୍ତାର ବିଷୟ। ଦୀର୍ଘଦିନ ହେବ ଏହି ବିବାଦ ଲାଗି ରହିଥିବାରୁ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାପାଳ ଅଭିନବ ସୋନକର ସମସ୍ତଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ ୧୮ ତାରିଖ ଧାର୍ଯ୍ୟ କରିଛନ୍ତି। ଶୁଣାଣି ସମୟରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ନରେନ୍ଦ୍ର ସାହୁ, ବିନୋଦ ସାହୁ, ବିଜୟ ଧଳ, ଖଡ଼ଗପ୍ରସାଦ ସରପଞ୍ଚ ନିବାରଣ ସାହୁ, ରବିନାରାୟଣ ସାହୁ, ସାବିତ୍ରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

